Downloaded From : http://cbseportal.com/

**SET-4**

**Series BVM**

**Code No. 13**

Roll No. | | | | | | | |

Candidates must write the Code on the title page of the answer-book.

- ପ୍ରଶ୍ନପତ୍ରଟି **7** ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ ।
- ପ୍ରଶ୍ନପତ୍ରର ଡ଼ାହାଣ ପଟ କୋଣରେ ଦିଆଯାଇଥିବା କୋଡ ନମ୍ବର ଉତ୍ତର ପତ୍ରର ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ ।
- ପ୍ରଶ୍ନପତ୍ରରେ **14**ଟି ପ୍ରଶ୍ନ ଅଛି କି ନା ଆରମ୍ଭରୁ ଦେଖିନିଅ ।
- ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉପଯୁକ୍ତ ସ୍ଥାନରେ ଲେଖ ।
- ପ୍ରଶ୍ନପତ୍ର ପଢିବାପାଇଁ 15 ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର 10.15 ମିନିଟ୍ ସମୟରେ ବଣ୍ଟନ କରାଯିବ । ତେଣୁ 10.15 ଠାରୁ 10.30 ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ ।
- Please check that this question paper contains **7** printed pages.
- Code number given on the right hand side of the question paper should be written on the title page of the answer-book by the candidate.
- Please check that this question paper contains **14** questions.
- **Please write down the Serial Number of the question before attempting it.**
- 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period.

# ଓଡ଼ିଆ

# ODIA

*ସମୟ : 3 ଘଣ୍ଟା* | *ପୂର୍ଣ୍ଣ ସଂଖ୍ୟା : 100*

*Time allowed : 3 hours* | *Maximum Marks : 100*


Downloaded From : http://cbseportal.com/ Courtesy : CBSE

Downloaded From :http://cbseportal.com/

## 'କ' ବିଭାଗ

1. ଅନୁଚ୍ଛେଦଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । *5×2=10*

ଗଂଗ ଓ ଗଜପତି ରାଜତ୍ୱ କାଳରୁ କଟକ ଥିଲା ଓଡ଼ିଶାର ରାଜନୀତିକ କେନ୍ଦ୍ରସ୍ଥଳୀ । ସେଠାରେ ଭୋନ୍‌ସଲାବ ପ୍ରତିନିଧି ରୂପେ ଜଣେ ସୁବେଦାର ଅବସ୍ଥାନ କରୁଥିଲେ । ବାରବାଟୀ ଦୁର୍ଗ ତାଙ୍କର ନିବାସସ୍ଥଳୀ ଥିଲା । କିଛି ସୈନ୍ୟ ସହ ସେଠାରେ ରହି ସେ ଶାସନ କାର୍ଯ୍ୟ ପରିଚ୍ଳନା କରୁଥିଲେ । ପୁରୀ ଯିବା ପାଇଁ ଜଗନ୍ନାଥ ସଡ଼କ କଟକକୁ ସ୍ପର୍ଶ କରୁଥିଲା । ସାମରିକ ଦୃଷ୍ଟିକୋଣରୁ ସୁରକ୍ଷିତ ଓ ରାଜନୀତିର ଗୁରୁତ୍ୱ ବହନ କରି କଟକ ଏକ ସମୃଦ୍ଧ ନଗରୀ ଥିଲା । କଟକ ଅଧିକାର ନ କଲେ ଓଡ଼ିଶା ଅଧିକୃତ ହୋଇପାରୁ ନଥିଲା, ସେଥିପାଇଁ ଓଡ଼ିଶାକୁ ମରହଟ୍ଟା ଅମଳରେ କଟକ ପ୍ରଦେଶ କୁହାଯାଇଥିଲା । ଓଡ଼ିଆମାନଙ୍କ ସଂସ୍କୃତି ଓ ଅର୍ଥନୀତିକୁ ମଧ୍ୟ କଟକ ପ୍ରଭାବିତ କରୁଥିଲା, ପୂର୍ବ ଉପକୂଳ ଓ ପଶ୍ଚିମାଞ୍ଚଳର ଗଡ଼ଜାତରାଜ୍ୟମାନଙ୍କ ଭିତରେ କଟକରେ ପ୍ରବାହିତ ମହାନଦୀ ଗମନାଗମନ ପାଇଁ ବ୍ୟବହୃତ ହୋଇଥିଲା । ଇଂରେଜ ବଣିକମାନେ ମହାନଦୀ ପଥରେ ସମ୍ବଲପୁରକୁ ହୀରା ସଂଧାନରେ ଯାଇଥିଲେ । କଟକରେ ସେମାନଙ୍କର ବାଣିଜ୍ୟ କୋଠି ଥିଲା । ବାରବାଟୀ ଦୁର୍ଗର ସୁବାଦାର ମାନେ ଉପକୂଳ ଅଞ୍ଚଳରେ ଇଂରେଜ ବଣିକମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ଦାୟୀ ଥିଲେ । ତେଣୁ କଟକର ପ୍ରାଧାନ୍ୟ ଅସାଧାରଣ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଇଷ୍ଟଇଣ୍ଡିଆ କମ୍ପାନୀ ବଂଗୋପସାଗରର ଉପକୂଳ ଅଞ୍ଚଳ ମାନଙ୍କରେ ଯେଉଁ ବାଣିଜ୍ୟ ବ୍ୟବସାୟ ଚଳାଇଥିଲେ ତାହା ଓଡ଼ିଶାର ବନ୍ଦର ମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲା । ଦକ୍ଷିଣ ଭାରତର କରମଣ୍ଡଳ ଓ କର୍ଣାଟକ ଆଦି ସ୍ଥାନରେ ଚ୍ଳିଥିବା ଯୁଦ୍ଧ ପାଇଁ କମ୍ପାନୀ କେବଳ ମାଦ୍ରାଜ ଦୁର୍ଗ ଉପରେ ସଂପୂର୍ଣ ନିର୍ଭର କରୁ ନଥିଲା ।

ପ୍ରଶ୍ନାବଳୀ :

(କ) କଟକ କାହିଁକି ଗୁରୁତ୍ୱପୂର୍ଣ ଥିଲା ?

(ଖ) ସୁବେଦାରମାନେ କେଉଁ କାର୍ଯ୍ୟ କରୁଥିଲେ ?

(ଗ) ମହାନଦୀକୁ କାହିଁକି ଗୁରୁତ୍ୱ ଦିଆ ଯାଇଥିଲା ?

(ଘ) କଟକର ପ୍ରାଧାନ୍ୟ ଅସାଧାରଣ ଥିଲା ବୋଲି କାହିଁକି କୁହାଯାଇଛି ?

(ଙ) ଓଡ଼ିଶାର ବନ୍ଦର ଗୁଡ଼ିକ କି ଭୂମିକା ନିର୍ବାହ କରୁଥିଲେ ?


Downloaded From :http://cbseportal.com/ Courtesy : CBSE

Downloaded From :http://cbseportal.com/

**'ଖ' ବିଭାଗ**

2. *ଗୋଟିଏ* ବିଷୟରେ ପ୍ରବନ୍ଧ ଲେଖ । 8

(କ) ଓଡ଼ିଶାର ପାଇକ ବିଦ୍ରୋହ

(ଖ) ନାରୀ ସଶକ୍ତୀକରଣ

(ଗ) ସୀମାନ୍ତରେ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପ

3. ତୁମ ଅଞ୍ଚଳରେ ଅପପୁଷ୍ଟିର ଶିକାର ହେଉଥିବା ଶିଶୁମାନଂକର ସୁରକ୍ଷା ଲାଗି ଜିଲ୍ଲାପାଳଙ୍କୁ ନିବେଦନ ପତ୍ର ଲେଖ । 7

**କିମ୍ବା**

ତୁମ ଅଞ୍ଚଳର ଶିକ୍ଷାବ୍ୟବସ୍ଥାରେ ଦେଖା ଦେଇଥିବା ଶୋଚନୀୟ ଅବସ୍ଥା ସଂପର୍କରେ ଉଚ୍ଚଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରତିକାର ପାଇଁ ନିବେଦନ କର ।

**'ଗ' ବିଭାଗ**

4. (କ) ବିପରୀତାର୍ଥବୋଧକ ଶବ୍ଦ ଲେଖ । (5ଟିର) 5

ଉଦାର, ଧାର୍ମିକ, ନିରପେକ୍ଷତା, ଉଦ୍‌ବିଗ୍ନ, କୃତ୍ରିମ, ସମ, ରୋଗୀ

(ଖ) ଅର୍ଥଗତ ପାର୍ଥକ୍ୟ ଦର୍ଶାଅ । (5ଟିର) 5

ଗିରିଶ–ଗିରୀଶ, ଗୋଲକ–ଗୋଲୋକ, କୋଶ–କୋଷ, ଅଭିନୟ–ଅଭିନେୟ, ତୂଳା–ତୁଳା, ତରଣି–ତରଣୀ, ବିଷ–ବିସ

5. (କ) ଭ୍ରମ ସଂଶୋଧନ କର । (5ଟିର) 5

ପିୟୂଷ, ବିଷର୍ଣ, ଭୂମିଷ୍ଟ, ବର୍ଷିୟାନ, ବିଶୁଦ୍ଧିକରଣ, ଅଗ୍ରୀମ, ମୂର୍ତ୍ତୀ

(ଖ) ଏକ ପଦରେ ପ୍ରକାଶ କର । (5ଟିର) 5

ଶରୀର ସଂବଂଧୀୟ; ଯାହା ପୂର୍ବରୁ ଶୁଣାଯାଇନଥିଲା; ପିତାଙ୍କର ଭ୍ରାତା; ଭାଷା ଶାସ୍ତ୍ରରେ ପ୍ରବୀଣ; ସ୍ତ୍ରୀର ଅନୁଗାମୀ; ଅନୁସନ୍ଧାନ କରିବାର ଇଚ୍ଛା; ସୁଜନର ଭାବ


Downloaded From :http://cbseportal.com/ Courtesy : CBSE

Downloaded From :http://cbseportal.com/

## 'ଘ' ବିଭାଗ

**6.** "ସ୍ୱଜାତିର ଇତିହାସ ବିଶେଷ ଭାବେ ଶିକ୍ଷା କରିବା ପ୍ରତ୍ୟେକ ସ୍ୱଜାତିବତ୍ସଳ ବ୍ୟକ୍ତିର କର୍ତ୍ତବ୍ୟ" — ଆଲୋଚନା କର । *8*

**କିମ୍ବା**

ଶିକ୍ଷାକୁ ଆମ ଦେଶରେ ଶେଷ ସ୍ଥାନ ନ ଦେଇ ଶୀର୍ଷସ୍ଥଳ ଦିଆଯିବ । ରଚିତ ବୋଲି ଲେଖକ କାହିଁକି ମନୋକ୍ତ କରିଛନ୍ତି ?

**7.** ସପ୍ରସଙ୍ଗ ସରଳାର୍ଥ ଲେଖ । *5*

ପୁଣି ନୂତନ ଅଭିନୟ ଆରମ୍ଭ ହେଉ ଠିକ୍ ସେହି ଢଙ୍ଗରେ ।

ସେହି ଜନତା, ସେହି ପ୍ରତିନିଧି, ବ୍ୟବଧାନ କେବଳ ସମୟ ।

**କିମ୍ବା**

ମାତ୍ର ଯେଉଁ ବାୟୁ, ସଲିଳ, ଆଲୋକ ଓ ଉତ୍ତାପ ପାଇଁ ସେ ଜୀବମାନଂକର ବାସଭୂମିହୋଇଛି, ସେଥିରୁ ଗୋଟିଏ ଉଣା ହେଲେ କଣ ଆଉ ସେ ବାସଭୂମି ହୋଇ ରହିବ ?

**8.** ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଦିଅ । (୩ଟିର) *3×2=6*

(କ) ସକଳ ପ୍ରକାର ବିପ୍ଳବ ମୂଳରେ କେଉଁ ନିଗୂଢ଼ କାରଣ ବିଦ୍ୟମାନ ?

(ଖ) ସମସ୍ତେ ପାଠ ପଢ଼ିସାରିବା ପର୍ଯ୍ୟନ୍ତ ଯୋଜନାକୁ ପକାଇ ରଖିଲେ କଣ ଅସୁବିଧା ହେବ ?

(ଗ) ବାରିବାହକୁ କୋଣାର୍କ ମନ୍ଦିର କି ବାର୍ତ୍ତା ଓ ଗାଥା ଶୁଣାଇବ ?

(ଘ) ପ୍ରତ୍ୟେକ ଜାତିର ପ୍ରାଚୀନ ଇତିହାସରେ କଣ ଉପସ୍ଥାପନ କରାଯାଇଛି ।

(ଙ) ଭାରତୀୟ ଲୋକେ କାହିଁକି ପାଠ ପଢ଼ିସାରିଲା ପରେ ଆମେରିକା ଛାଡ଼ିଆସିବାକୁ ଚାହୁଁନାହାନ୍ତି ?


Downloaded From :http://cbseportal.com/ Courtesy : CBSE

Downloaded From :http://cbseportal.com/

**9.** ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । *4×1=4*

(କ) ଆଗ କାଳରେ ପରୀକ୍ଷା ଫଳ କେତେଥରରେ ବାହାରୁଥିଲା ?

(i) ଏକା ଥରକେ

(ii) ଦୁଇଥରରେ

(iii) ତିନିଥରରେ

(iv) ଚାରିଥରରେ

(ଖ) କେଉଁ ଦେଶରେ ଗୁଣ ଅପେକ୍ଷା ପ୍ରୋପାଗଣ୍ଡା ହିଁ ବିଶେଷ କାମ କରେ ?

(i) ଆମେରିକାରେ

(ii) ଭାରତରେ

(iii) ଚୀନ୍‌ରେ

(iv) ଯେଉଁ ଦେଶରେ ଲୋକେ ନିଜର କର୍ତ୍ତବ୍ୟ ଓ ଅଧିକାର ସଂପର୍କରେ ଅଜ୍ଞ

(ଗ) କିଏ ଉତ୍କଳର ଇତିହାସ ବୋଲି ଲେଖକ କହିଛନ୍ତି ?

(i) ନୀଳାଚଳ ନାଥ

(ii) ଜଗନ୍ନାଥ

(iii) ପତିତପାବନ

(iv) ନୀଳାଦ୍ରିନାଥ

(ଘ) କିଏ ଦ୍ୱିତୀୟ ଶିକ୍ଷକ ତୁଲ୍ୟ ?

(i) ସାହିତ୍ୟ

(ii) ଧର୍ମ

(iii) ଇତିହାସ

(iv) ଦର୍ଶନ

**10.** ମନୁଷ୍ୟ–ଜୀବନର ଉତ୍ତରଣ "ପିଙ୍ଗଳାର ଅଭିସାର" କବିତାରେ କିପରି ପ୍ରତିଫଳିତ ଦର୍ଶାଅ । *7*

**କିମ୍ବା**

"ବନ୍ଦୀର ବିରହଚିନ୍ତା" କବିତାରେ ଜନ୍ମଭୂମିର ଅନୁରାଗ ସହିତ ପ୍ରକୃତି ଅନୁରାଗ ସମନ୍ୱିତ — ଆଲୋଚନା କର ।


Downloaded From :http://cbseportal.com/ Courtesy : CBSE

Downloaded From :http://cbseportal.com/

**11.** ସପ୍ରସଂଗ ସରଳାର୍ଥ ଲେଖ । (*ଗୋଟିଏ*) *5*

(i) ଶତାବ୍ଦୀର ସିଂହଦ୍ୱାରୁ ଆସିଅଛି ଦୂତ
ଆଣିଅଛି ବାର୍ତ୍ତା ଭବିଷ୍ୟତ
ଜୀବନର ସଂଭାବନା ଯହିଁ ମୂର୍ତ୍ତିମାନ
ନାଇ ଯହିଁ ପ୍ରାଚୀର ପ୍ରାନ୍ତର ।

(ii) ବଡ଼ପଣ ସେହି ଅନ୍ତେ ସୁଦ୍ଧା ଯାର
ସୌରଭ ଚହଟୁଥାଏ ଏ ସଂସାର

**12.** ନିମ୍ନୋକ୍ତ ପ୍ରଶ୍ନ ଗୁଡ଼ିକର ଉତ୍ତର ସଂକ୍ଷେପରେ ଦିଅ । (୩ଟିର) *3×2=6*

(କ) ସୂର୍ଯ୍ୟଙ୍କର ବିଦାୟକାଳୀନ ଦୃଶ୍ୟ କିପରି ଥିଲା ?

(ଖ) ତପସ୍ୱିନୀ ସୀତା କେଉଁ ଉଦ୍ଦେଶ୍ୟରେ ପତ୍ର ଲେଖିଥିଲେ ?

(ଗ) ପିଙ୍ଗଳା କାହିଁକି ନିଜକୁ ସର୍ପିଣୀ ବୋଲି କହିଛି ?

(ଘ) ଯୁଗଯୁଗ ଧରି ମାନବଆତ୍ମାକୁ କିଏ ପୀଡ଼ା ଦେଇଛି ?

(ଙ) ରାଜାମାନେ କାହାକୁ ଶୋଷଣ କରି କାହାକୁ ପୋଷଣ କରୁଛନ୍ତି ?

**13.** ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତର ବାଛି ଲେଖ । *4×1=4*

(କ) କବିଂକ ସମୟରେ ରାଜା-ପ୍ରଜାଂକ ସଂପର୍କ କିପରି ଥିଲା ?

(i) ପିତା-ପୁତ୍ର ପରି

(ii) ସିଂହ-ଶଶକ ପରି

(iii) ବାଜ-ପାରା ପରି

(iv) ପ୍ରଭୁ-ଭୃତ୍ୟ ପରି

(ଖ) ସୀତା କିପରି ପତ୍ର ଲେଖୁଥିଲେ ?

(i) ଶୋକାଭିଭୂତାହୋଇ

(ii) ହୃଦୟ ବିକଳରେ

(iii) ଈର୍ଷାନ୍ୱିତା ହୋଇ

(iv) ଭାବପ୍ରବଣତାରେ


Downloaded From :http://cbseportal.com/ Courtesy : CBSE

Downloaded From : http://cbseportal.com/

(ଗ) ପିଙ୍ଗଳାର ଅଂଗ କିପରି ପୁଲକିତ ହେଉଥିଲା ?

(i) ବରଷାର ନୀପ ଫୁଲ ପରି

(ii) ବସନ୍ତର ପଦ୍ମ ପରି

(iii) ଗ୍ରୀଷ୍ମର ମଲ୍ଲୀଫୁଲ ପରି

(iv) ବର୍ଷାର କୁମୁଦ ପରି

(ଘ) କେଉଁ ଋତୁରେ ଗୋପବନ୍ଧୁଙ୍କ ହୃଦୟବେଦନା ଉଦ୍‌ବେଳିତ ହୋଇଉଠିଥିଲା ?

(i) ଗ୍ରୀଷ୍ମ

(ii) ବର୍ଷା

(iii) ଶୀତ

(iv) ବସନ୍ତ

**14.** ଯେ କୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ । *2×5=10*

(କ) ରାଜୀବଲୋଚନଂକ ଉତ୍‌ଥାନ ଓ ପତନର କାରଣ କଣ ?

(ଖ) "ତଥାପି ତୋର ପତାକାର ଜୟ ହେଉ" — ଏହା କେଉଁ ପ୍ରସଂଗରେ କୁହାଯାଇଛି ।

(ଗ) ଗଂଗାନଦୀରେ ନୌଭ୍ରମଣ କରିବା ଘଟଣା ସଂପର୍କିତ ସ୍ମୃତି ଅଶୋକଙ୍କୁ କିପରି ପ୍ରଭାବିତ କରିଥିଲା ?

(ଘ) କଚ୍ଛପମାଂସ ଭକ୍ଷଣ ସଂପର୍କରେ ରାଜା କି ନିଷ୍ପତ୍ତି ନେଲେ ?


Downloaded From : http://cbseportal.com/ Courtesy : CBSE